# ଜରାଜୀର୍ଣ୍ଣ ଅବସ୍ଥାରେ ଜୈନ କୀର୍ତ୍ତିରାଜି

**କୋରାପୁଟ ,୧୭।୮(ସ୍ୱ.ପ୍ର)**

କୋରାପୁଟ ଜିଲାରେ ବହୁ ପ୍ରାଚୀନ କିର୍ତ୍ତିରାଜି ରହିଥିବାରୁ ଦେଶ ବିଦେଶରୁ ବହୁ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ହେଲେ ଉକ୍ତ କୀର୍ତ୍ତିରାଜିର ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସଂରକ୍ଷଣ କରାଯାଉ ନାହିଁ । ଫଳରେ ଏବେ ଏହି କୀର୍ତ୍ତିରାଜିଗୁଡ଼ିକ ଅସୁରକ୍ଷିତ ରହିବା ସାଙ୍ଗକୁ ତାର ସତ୍ତା ହରାଇବା ପରିସ୍ଥିତି ସୃଷ୍ଟି ହୋଇଛି । କୋରାପୁଟ ବ୍ଲକର କେଚଲା, ସେମିଳିଗୁଡାର ସୁବାଇ, ନନ୍ଦପୁରର ଭିତରଗଡ,ବୋରଗୁମ୍ମାର ବିସିଂହପୁରଠାରେ ଅଷ୍ଟମ ଶତାବ୍ଦୀର ଜୈନ ତ୍ରୀର୍ଥଙ୍କର, ୨୪ ତ୍ରୀର୍ଥଙ୍କର, ମହାବୀର ଜୈନ, ଅମ୍ବିକାଦେବୀ, ଯକ୍ଷ, ଯକ୍ଷିଣୀ, ରାସଭାନାଥ ଆଦି ବହୁ ଜୈନ କୀର୍ତ୍ତିରାଜି ରହିଛି । ଏହି କୀର୍ତ୍ତିରାଜି ସହ ବହୁ ପ୍ରାଚୀନ ସଂସ୍କୃତି ଜଡିତ। ତେଣୁ ଏହାର ବିସ୍ତୃତ ତର୍ଜମା ପାଇଁ ବହୁ ବିଦେଶୀ ଓ ଜୈନ ଧର୍ମାବଲମ୍ବୀ ପର୍ଯ୍ୟଟକ କୋରାପୁଟ ଜିଲାକୁ ଆସିଥାନ୍ତି। ଜିଲାରେ ଥିବା ବହୁ ଭଗ୍ନ କୀର୍ତ୍ତିରାଜିକୁ ଜୟପୁରସ୍ଥିତ ସଂଗ୍ରହାଳୟରେ ରଖାଯାଇଛି । ସେଠାରେ ଆବଶ୍ୟକ ଗୃହ ଅଭାବରୁ କିଛି କୀର୍ତ୍ତିରାଜିକୁ ସଂଗ୍ରହାଳୟ ବାହାରେ ଅବହେଳିତ ଅବସ୍ଥାରେ ରଖାଯାଇଥିବା ଦେଖିବାକୁ ମିଳେ ।

କୋରାପୁଟ ବ୍ଲକଠାରୁ ୧୨ କିମି ଦୂରରେ କୋଲାବ ଜଳଭଣ୍ଡାର ନିକଟରେ ରହିଛି କେଚଲା ଗ୍ରାମ। ଏଠାରେ ବହୁ ଜୈନ ମୂର୍ତ୍ତି ଅବହେଳିତ ଅବସ୍ଥାରେ ଏଣେତେଣେ ପଡିଥିବାରୁ ସ୍ଥାନୀୟ ଗ୍ରାମବାସୀ ସେଗୁଡ଼ିକୁ ଗୋଟିଏ ସ୍ଥାନରେ ରଖି ବିଭିନ୍ନ ଦେବଦେବୀ ରୂପରେ ପୂଜା କରିଆସୁଛନ୍ତି। ଏହି ଜାଗାଟି ଜୟପୁର ରାଜା କୃଷ୍ଣଚନ୍ଦ୍ର ଦେବ ଜୟପୁରର ନରସିଂହ ମିଶ୍ର ନାମକ ଜଣେ ବ୍ୟକ୍ତିଙ୍କୁ ପ୍ରଦାନ କରିଥିବା ଏକ ତାମ୍ରଫଳକରୁ ଜଣାଯାଇଛି । କୋଲାବ ପ୍ରକଳ୍ପ ଯୋଗୁ ଏହି ଗ୍ରାମ ନିକଟରେ ଥିବା ୩୦ ଫୁଟ ବିଶିଷ୍ଟ ଏକ ଜୈନ ମନ୍ଦିର ବୁଡିଯାଇଥିଲା । ଏଥିରେ ଥିବା ୫ଟି ଜୈନ ମୂର୍ତ୍ତିକୁ ଗ୍ରାମବାସୀ ଉଦ୍ଧାର କରି ଗ୍ରାମ ଦାଣ୍ଡରେ ରଖି ପୂଜା କରିଆସୁଛନ୍ତି । ଏହି ମୂର୍ତ୍ତି ମଧ୍ୟରେ ରାସଭନାଥ, ମହାବୀର ଜୈନ, ଅମ୍ବିକାଦେବୀ, ଜକ୍ଷ ଓ ଯକ୍ଷିଣୀ ମୂର୍ତ୍ତି ରହିଛି । ଏହି ଜୈନ କିର୍ତ୍ତିରାଜିର ବିକାଶ ଲାଗି ୨୦୧୨ରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ କେଚଲାରେ ଏକ ଜେଟି ଓ ରେଷ୍ଟସେଡ ନର୍ମାଣ କରାଯାଇଛି। ସେହିପରି ନନ୍ଦପୁର ବ୍ଲକର ଭିତରଗଡ ଅଞ୍ଚଳରେ କେତେକ ଜୈନ ମୂର୍ତ୍ତି ଅବହେଳିତ ଅବସ୍ଥାରେ ପଡିରହିଛି । ସେମିଳିଗୁଡା ବ୍ଲକର ସୁବାଇଠାରେ ଜୈନ ୨୪ ତୀର୍ଥଙ୍କରଙ୍କ ମୂର୍ତ୍ତି ସହ ଅମ୍ବିକା ଦେବୀ, ଶିବ ମନ୍ଦର ରହିଛି । ଏହି ସ୍ଥାନରେ ମଧ୍ୟ ବହୁ ଜୈନ୍ୟ ମୂର୍ତ୍ତି ଓ ମନ୍ଦିର ଅବହେଳିତ ଅବସ୍ଥାରେ ରହିଥିବା ଦୃଷ୍ଟିରେ ରଖି ୨୦୧୩ ରୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟ ହାତକୁ ନେଇଛି। ଇତିମଧ୍ୟରେ ୬ ବର୍ଷ ବିତିଯାଇଥିଲେ ମଧ୍ୟ ଏଠାରେ ବହୁ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି। ସେହିପରି ଜୟପୁରଠାରୁ ୪୦ କିମି ଦୂର ବୋରିଗୁମ୍ମା ବ୍ଲକର ବିସିଂପୁର ନିକଟସ୍ଥ ପାହଡରେ ଥିବା ଜୈନମୂର୍ତ୍ତିଗୁଡିକ ଅବହେଳିତ ଅବସ୍ଥାରେ ପଡିରହିଛି । ଜିଲା ସଂସ୍କୃତି ବିଭାଗ ତରଫରୁ ଏକ ଗୃହ ନିର୍ମାଣ କରାଯାଇ ସେଠାରେ କେତେକ ମୂର୍ତ୍ତି ରଖାଯାଇଛି । ସ୍ଥାନୀୟ ଲୋକେ ଏକ ମୂର୍ତ୍ତିକୁ ବାଲୁଙ୍କେଶ୍ୱର ଠାକୁର ଭାବେ ପୂଜା କରି ଆସୁଛନ୍ତି । ଏହି ମୂର୍ତ୍ତି ଚତୁର୍ଦ୍ଦଶ ଖ୍ରୀଷ୍ଟାବ୍ଦର ବୋଲି କେତେକ ଐତିହାସିକ ମତ ଦିଅନ୍ତି। ଏହା ନିକଟରେ ଏକ ପୁରାତନ ଶିବ ମନ୍ଦିର ରହିଛି । ଦେବୀ ଆକୃତିର ଏକ ଜୈନ ମୂର୍ତ୍ତି ଖଣ୍ଡଖଣ୍ଡ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି । ସେହିପରି ଜୟପୁର ବ୍ଲକଠାରୁ ୧୨ କିମି ଦୂର ଜାମୁଣ୍ଡାଠାରେ ମଧ୍ୟ କେତେକ ଜୈନ ମୂର୍ତ୍ତି ରହିଛି । ତାହାକୁ ସ୍ଥାନୀୟ ଲୋକେ ପୂଜା କରୁଛନ୍ତି। ଏଠାରେ ଅନେକ ମୂର୍ତ୍ତି ମାଟି ତଳେ ପୋତି ହୋଇ ରହିଛି । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଖୋଳାଗଲେ ଅନେକ ପ୍ରାଚୀନ ମୂର୍ତ୍ତି ଉଦ୍ଧାର ହୋଇପାରିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି ।

ଏହି ପ୍ରାଚୀନ କୀର୍ତ୍ତିରାଜିଗୁଡିକର ସଂରକ୍ଷଣ ସମ୍ପର୍କରେ ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କୁ ପଚାରିବାରୁ, ଆବଶ୍ୟକ କର୍ମଚାରୀ ଅଭାବ ଓ ରକ୍ଷଣାବେକ୍ଷଣ ଗୃହର ଅଭାବ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ । ଏହି ପ୍ରାଚୀନ କୀର୍ତ୍ତିର ସୁରକ୍ଷା ଓ ଉକ୍ତ ସ୍ଥାନଗୁଡିକର ବିକାଶ ନିମନ୍ତେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗର ଦୃଷ୍ଟିକୁ ନେଇଥିବା ପ୍ରକାଶ କରିଛନ୍ତି । ସେହିପରି ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର ଲିମାଙ୍କୁ ପଚାରିବାରୁ, ରାଜ୍ୟସରକାରଙ୍କ ପକ୍ଷରୁ ସୁବାଇ ଜୈନ ମନ୍ଦିରର ବିକାଶ ଲାଗି ପଦକ୍ଷେପ ନିଆଯାଇଛି । ସେମିଳିଗୁଡାର ସୁବାଇ, କୋରାପୁଟ ବ୍ଲକର କେଚେଲା ଓ ଜୟପୁରର ପୁରୁଣାଗଡର ପୁନରୁଦ୍ଧାର ସହ ଭିତ୍ତିଭୂମିର ବିକାଶ ନେଇ ପ୍ରାୟ ୫୦ କୋଟି ଟଙ୍କାର ପ୍ରକଳ୍ପ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ରାଜ୍ୟ ପର୍ଯ୍ୟଟନ ବିଭାଗ ମାଧ୍ୟମରେ କେନ୍ଦ୍ରକୁ ଚିଠି କରାଯାଇଥିବା କହିଛନ୍ତି। ତେଣୁ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଓ କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ ମିଳିତ ଭାବେ ଜିଲାରେ ଥିବା ଅବହେଳିତ ଜୈନ କୀର୍ତ୍ତିରାଜିର ସୁରକ୍ଷା ସହ ରକ୍ଷଣାବେକ୍ଷଣ ଦିଗରେ ଦୃଷ୍ଟି ଦେବାକୁ ଦାବି ହୋଇଛି ।


ପରିତ୍ୟକ୍ତ ଅବସ୍ଥାରେ ପଡିଥିବା ମୂର୍ତ୍ତି ।


ସୁବାଇରେ ଥିବା ଜୈନ ମନ୍ଦିର ।

**କୋରାପୁଟ ଜିଲା**
- ନିଆଯାଉନି ଉପଯୁକ୍ତ ରକ୍ଷଣାବେକ୍ଷଣ
- ଜୈନ ମୂର୍ତ୍ତିଙ୍କୁ ପୂଜା କରୁଛନ୍ତି ଗ୍ରାମବାସୀ

## ସଂକ୍ଷେପରେ



### ଡ୍ରାଇଭର ସଂଘ କାର୍ଯ୍ୟାଳୟ ଉଦ୍‌ଘାଟିତ

**ପଟ୍ଟାଙ୍ଗି,୧୭।୮(ଡି.ଏନ.ଏ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମା ତଥା ବସଷ୍ଟାଣ୍ଡରେ ଥିବା ପଞ୍ଚାୟତ କାର୍ଯ୍ୟାଳୟର ଷ୍ଟଲରେ ମା' ଗାଙ୍ଗେଶ୍ୱରୀ ମୋଟର କର୍ମଚାରୀ ସଂଘର କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ସ୍ଥାନୀୟ ପଞ୍ଚାୟତ ସମିତି ଅଧକ୍ଷ ଜଗତ ଜ୍ୟାତି ପାଙ୍ଗି ଉଦ୍‌ଘାଟନ କରିଥିଲେ । ସରକାରୀ ସ୍ତରରେ ସଂଘ ର ପଞ୍ଜୀକୃତ ବା ରେଜିଷ୍ଟ୍ରେଶନ ହୋଇଥିବା ପ୍ରମାଣପତ୍ର ଏବଂ ସମସ୍ତ ରେକର୍ଡ ପତ୍ର କୁ ମୁଖ୍ୟ ଅତିଥିଙ୍କ ଦାରା ଲୋକାର୍ପିତ କରାଯାଇଥିଲା । ଏହି ସମୟରେ ସଂଘର ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧକ୍ଷ ପଦ୍ମା ଖରା , ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣା କର ପ୍ରଧାନ , ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଭାଗବତ ମୁର୍ମୁ , ଡାକ୍ତର ସୁଷେନ କୁମାର ପାତ୍ର, ସରପଞ୍ଚ ଭଗବାନ ଖରା ଏବଂ ସଂଘ ସଭାପତି ଜିତେନ୍ଦ୍ର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଘ ସମ୍ପାଦକ ଦେବାଶିଷ ମାଝି ପରିଚାଳନା କରିଥିଲେ । । ସଂଘ ଉପଦେଷ୍ଟା ଶରତ କୁମାର ଧଳ,ଉପସଭାପତି ରାମ ଖିଲ, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଖରା, ସୁକାନ୍ତ ମାଛ , ଗେମେଲ ସୁରି , କୋଷାଧକ୍ଷ ଏମ ଉମା ମହେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ ।

### ଟ୍ରେନ ଧକ୍କାରେ ମହିଳା ମୃତ

**କୋରାପୁଟ/ସେମିଳିଗୁଡ଼ା, ୧୭।୮ (ସ୍ୱ.ପ୍ର/ଡ଼ି.ଏନ.ଏ):** କୋରାପୁଟ ଟାଉନ ଥାନା ଅନ୍ତର୍ଗତ ଡୁମୁରିପୁଟ ଷ୍ଟେଶନରେ ଶନିବାର ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି । ସେ ହେଲେ ସୁନାବେଡାସ୍ଥିତ ହାଲ କର୍ମଚାରୀ କେଦାରନାଥ ଦାଶଙ୍କ ପତ୍ନୀ ସୁଭଦ୍ରା ଷଡଙ୍ଗୀ (୨୭)। କେଦାରନାଥ ପତ୍ନୀ ସୁଭଦ୍ରା ଓ ପୁଅ ଆଭାଂଶୁ(୫)ଙ୍କ ସହ ଭୁବେନେଶ୍ୱର- ଜଗଦଲପୁର ହୀରାଖଣ୍ଡ ଏକ୍ସପ୍ରେସରେ ବ୍ରହ୍ମପୁରରୁ ଆସିଥିଲେ । ସୁନାବେଡା ଯିବା ପାଇଁ ଶନିବାର ପୂର୍ବାହ୍ନ ୧୦ଟାରେ ଡୁମୁରିପୁଟ ଷ୍ଟେଶନରେ ଓହ୍ଲାଇଥିଲେ । ସେମାନେ ଅନ୍ୟ ଏକ ରେଲ ଲାଇନ ଡେଇଁ ଅଟୋରିକ୍ସା ନିକଟକୁ ଯାଉଥିବାବେଳେ ସେଥିରେ ଆସୁଥିବା ନାଲକୋର ଏକ ମାଲବାହୀ ଟ୍ରେନ ସୁଭଦ୍ରାଙ୍କୁ ଧକ୍କା ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ସୁନାବେଡା ହାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।

### ଡୁଡୁମା ବିକାଶ ନେଇ ଆସିଲା ଅନୁଦାନ



**କୋରାପୁଟ,୧୭।୮(ସ୍ୱ.ପ୍ର):** କୋରାପୁଟ ଜିଲା ଲମତାପୁଟ ବ୍ଲକର ମାଛକୁଣ୍ଡ ନିକଟରେ ଥିବା ଡୁଡୁମା ପର୍ଯ୍ୟଟନ ସ୍ଥଳିର ଭିତ୍ତିଭୂମି ବିକାଶ ଲାଗି ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ୫୭ ଲକ୍ଷ ୪୯ ହଜାର ଟଙ୍କା ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟକୁ ଆସିଛି। ଶନିବାର ଜିଲା ପର୍ଯ୍ୟଟନ ଅଧିକାରୀ ସୁରେନ୍ଦ୍ର କୁମାର ଲିମା ଏହା ପ୍ରକାଶ କରିଛନ୍ତି । ଉକ୍ତ ଟଙ୍କାରେ ଡୁଡୁମାଠାରେ ରେଲିଙ୍ଗ ବାରିକେଡ୍, ଡୁଡୁମାରୁ ଅନକାଡେଲି ମୁଖ୍ୟ ରାସ୍ତାକୁ ଆପ୍ରୋଚ ରାସ୍ତାର ପୁନରୁଦ୍ଧାର, ୨ଟି ଟଏଲେଟ, ପର୍ଯ୍ୟଟକମାନଙ୍କ ଲାଗି ବିଶ୍ରାମଗୃହ, ବସିବା ପାଇଁ ୫ଟି ଗୋଲେଇ ବିଶ୍ରାମ ଗୃହ ନିର୍ମାଣ, ପ୍ରତି ବିଶ୍ରାମ ଗୃହରେ ୪ ଟି ଲେଖାଏଁ ବେଞ୍ଚ ନିର୍ମାଣ, ପାର୍କିଂ ସ୍ଥାନ ନିର୍ମାଣ, ଡୁଡୁମା ଜଳପ୍ରପାତକୁ ପାଖରୁ ଦେଖିବା ଲାଗି ପାହାଚ ନିର୍ମାଣ , ୨ ଟି ବଡ ଭ୍ୟୁ ପଏଣ୍ଟ ଆଦି ନିର୍ମାଣ କରାଯିବ। ଏହି ସ୍ଥାନର ବିକାଶ କରାଯିବା ପରେ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିବ । ଏହି କାର୍ଯ୍ୟ ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଖୁବଶୀଘ୍ର ଟେଣ୍ଡର ଡକାଯିବ । ଦୁଇ ବର୍ଷ ମଧ୍ୟରେ ଏହି କାର୍ଯ୍ୟକୁ ଶେଷ କରିବା ଲାଗି ଲକ୍ଷ୍ୟ ରଖାଯାଇଥିବା ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି ।

■ପାଡୁଆ ଥାନା ଅଧିକାରୀଙ୍କ ବଦଳି ଦାବି

# ପାଡୁଆ, ଚାଟୁଆ ଗ୍ରାମବାସୀ ଏସ୍‌ପିଙ୍କ ଦ୍ୱାରସ୍ଥ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।

**କୋରାପୁଟ,୧୭।୮(ସ୍ୱ.ପ୍ର)**

କୋରାପୁଟ ଜିଲା ପାଡୁଆ ଥାନା ଅଧିକାରୀଙ୍କ ବଦଳି ଦାବି କରି ପାଡୁଆ ଓ ଚାଟୁଆ ଦୁଇ ଗ୍ରାମର ଲୋକେ ଶନିବାର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପରେ ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଗତ ଜୁଲାଇ ୭ରେ ପାଡୁଆରୁ ପୂର୍ଣ୍ଣ ମାଝି ଓ ଲକ୍ଷ୍ମଣ ମାଝି ଏକ ବାଇକ୍‌ରେ ନନ୍ଦପୁର ମେଡିକାଲଠାରେ ଚିକିତ୍ସିତ ହେଉଥିବା ଭଉଣୀଙ୍କୁ ଦେଖିବା ଲାଗି ଯାଉଥିଲେ। ଭେଜା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ଉଭୟଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା । ଏନେଇ ପରିବାର ଲୋକେ ପାଡୁଆ ଥାନାରେ ଏତଲା ଦେବା ସହ ଦୁର୍ଘଟଣା ଘଟାଇଥିବା ବୋଲେରୋକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିବା ପାଇଁ ନିବେଦନ କରିଥିଲେ। କିନ୍ତୁ ଥାନା ଅଧିକାରୀ ଦୀର୍ଘ ଦିନ ଧରି ଚୁପ ରହିବା ସହ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡାଉଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଥିସହ ଓଲଟା ମୃତକ ପରିବାରକୁ ବିଭିନ୍ନ ଆଳରେ ହଇରାଣ କରାଯାଉଥିବା ଉକ୍ତ ଦାବିପତ୍ରରେ ଗ୍ରାମବାସୀ ଉଲ୍ଲେଖ କରିଛନ୍ତି। ତେଣୁ ପାଡୁଆ ଥାନା ଅଧିକାରୀଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ପାଡୁଆ ଓ ଚାଟୁଆ ଅଞ୍ଚଳରୁ ସନୁ ମାଝି, ମଧୁ ମାଝି, ଆଦୁ ହିକକା, ସଣ୍ଡ ଖରା, ଗେମେଲ ପାଡୁ, ଧନୁ ଡୁମୁରି, କୁନ୍ଦ ପାଙ୍ଗି, ଘାସି ଖରା, ବୁଦୁ ମାଝି, ଜୟ ହନ୍ତାଳ , ମାଧବ ମାଝି, ସୁରେଶ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବିପତ୍ରର ନକଲ କୋରାପୁଟ ଜିଲାପାଳଙ୍କୁ ପ୍ରଦାନ କରିଥିବା ଜଣାଯାଇଛି।

କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଦୁର୍ନୀତି

## ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ୩୦ରେ

**ଜୟପୁର,୧୭।୮(ନି.ପ୍ର)**

କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଦୁର୍ନୀତି ହୋଇଥିବା ଅଭିଯୋଗର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଆସନ୍ତା ୩୦ ତାରିଖକୁ ଘୁଞ୍ଚିଛି । ଗତ ୨ ତାରିଖରେ ପ୍ରଥମ ପର୍ଯ୍ୟାୟ ତଦନ୍ତ ହୋଇଥିବା ବେଳେ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ହେବାର ଥିଲା। ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀ ଡିଆରସିଏସ ସିଏଚ ଭବାନୀ ପ୍ରସାଦଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ନବରଙ୍ଗପୁର ଜିଲାପାଳଙ୍କ ନିକଟରେ ଥିବାରୁ ଏହାକୁ ବାତିଲ କରାଯାଇଥିବା ଜଣାଯାଇଛି। ଆସନ୍ତା ୩୦ରେ ଅଭିଯୋଗକାରୀ ଉମାକାନ୍ତ ରଥଙ୍କ ସହ ଅଭିଯୋଗ ହୋଇଥିବା ଅବସରପ୍ରାପ୍ତ କେସିସି ବ୍ୟାଙ୍କ ଜେନେରାଲ ମ୍ୟାନେଜର ବିନୋଦ ଷଡଙ୍ଗୀ ଜେରା କରାଯିବ । ବ୍ୟାଙ୍କ ସମ୍ପାଦକ ସମସ୍ତ ନଥିପତ୍ର ଧରି ଉପସ୍ଥିତ ରହିବେ ବୋଲି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ଦିଆଯାଇଛି । ଅଭିଯୋଗକାରୀ ରଥ ଅବସର ପ୍ରାପ୍ତ କେସିସି ବ୍ୟାଙ୍କ ଜେନେରାଲ ମ୍ୟାନେଜର ଷଡଙ୍ଗୀଙ୍କ ନାମରେ ପ୍ରାୟ ୨୮ କୋଟି ୮୪ ଲକ୍ଷ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ପରେ ଏନେଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା । ଏନେଇ ଜୟପୁର ଡିଆରସିଏସଙ୍କୁ ଭୁବନେଶ୍ୱରରେ ଥିବା ସମବାୟ ବିଭାଗର ରେଜିଷ୍ଟ୍ରାର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି ।

## ଋଣ ଶୁଝି ନ ପାରିବାରୁ ୪ ମହିଳା ଗିରଫ


ଗିରଫ ହୋଇଥିବା ୪ ମହିଳା ।

**ଦଶମନ୍ତପୁର, ୧୭।୮ (ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତରେ ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ଆଣି ପରିଶୋଧ କରି ନ ପାରିବାରୁ ପୋଲିସ ୪ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜାନକୀ ଦିଶାରୀ, ଘାସେନ ଜାନୀ, ଉଜଳା ଜାନୀ ଏବଂ ନୀନା ମୁଦୁଲି । ଉକ୍ତ ୪ ମହିଳା ଏଲ୍‌ଏନ୍‌ଟି ଅର୍ଥ ଲଗାଣକାରୀ ସଂସ୍ଥାଠାରୁ ୩୦ ହଜାର ଟଙ୍କା ଲେଖାଏଁ ଋଣ ନେଇଥିଲେ । ଉକ୍ତ ଟଙ୍କା ୨ ବର୍ଷ ମଧ୍ୟରେ ୨୪ଟି କିସ୍ତି ମାଧ୍ୟମରେ ମାସକୁ ୧୬୦୦ ଟଙ୍କା ଅର୍ଥ ପରିଶୋଧ କରିବା କୁହାଯାଇଥିଲା । ମୋକାକନ୍ ଗ୍ରାମର ଜାନକୀ ୯ଟି କିସ୍ତି ପରିଶୋଧ କରିଥିବାବେଳେ ବଳକା ୧୫ ଗୋଟି କିସ୍ତିର ୨୨,୪୦୦ ଟଙ୍କା ପରିଶୋଧ କରି ପାରି ନାହାନ୍ତି । ସେହିପରି ଘାସେନ୍, ରଜଳା ଓ ନୀନା ମଧ୍ୟ ୧୭ ଗୋଟି କିସ୍ତିର ମୋଟ ୨୭,୨୦୦ ଟଙ୍କା ଲେଖାଏଁ ପରିଶୋଧ କରି ନ ଥିବା ଏଲ୍‌ଏନ୍‌ଟି ସଂସ୍ଥାର ବି.ଏମ୍. ଶଙ୍କର ନାଗ ପ୍ରକାଶ କରିଛନ୍ତି। ସେମାନଙ୍କୁ ବାରମ୍ବାର ଋଣ ପରିଶୋଧ କରିବା ପାଇଁ ଅନୁରୋଧ କରାଯାଇଥିଲା। ହେଲେ ସେମାନେ ଅମାନ୍ୟ କରିବାରୁ ଏଲ୍‌ଏନ୍‌ଟି ଅର୍ଥ ଲଗାଣକାରୀ ସଂସ୍ଥା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ସ୍ଥାନୀୟ ମୁରାନ୍ ଫାଣ୍ଡିର ଏଏସ୍‌ଆଇ ପଦ୍ମଚରଣ ନାୟକ ଉକ୍ତ ୪ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଜୟପୁର ବସ୍‌ଷ୍ଟାଣ୍ଡରୁ ୨୯ ଶ୍ରମିକ ଉଦ୍ଧାର

**ଜୟପୁର, ୧୭।୮ (ଡି.ଏନ.ଏ /ନି.ପ୍ର)**

ଜୟପୁର ଦ୍ୱିତୀୟ ଦୈନିକ ବଜାର ବସଷ୍ଟାଣ୍ଡରୁ ଶନିବାର ପୋଲିସ ୨୯ ଶ୍ରମିକଙ୍କୁ ଉଦ୍ଧାର କରିଛି। ସେମାନଙ୍କୁ ନେଇ ଯାଉଥିବା ଦଲାଲ ପୋଲିସକୁ ଚକ୍‌ମା ଦେଖାଇ ଫେରାର ହୋଇଯାଇଛନ୍ତି। କୋରାପୁଟ ଓ ନବରଙ୍ଗପୁରର ଉକ୍ତ ଶ୍ରମିକମାନେ ବସ ଯୋଗେ ହାଇଦ୍ରାବାଦ ଯାଉଥିଲେ । ଖବରପାଇ ସହକାରୀ ଶ୍ରମ ଅଧିକାରୀ ଏମ.ଶୋଭାସୁନ୍ଦର ଏବଂ ନିରୀକ୍ଷକ ପୂର୍ଣ୍ଣିମା ଡୁରୁକା ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କ କାଗଜପତ୍ର ଏବଂ ପରିଚୟ ଯାଞ୍ଚ କରିଥିଲେ । ପୂର୍ବରୁ ବହୁଥର ଏହିପରି ଯାଇଥିବା ନେଇ ଶ୍ରମିକମାନେ କହିଛନ୍ତି । ପ୍ରକାଶ ଯେ, ଅବିଭକ୍ତ କୋରାପୁଟ ଜିଲାର ବହୁମାତ୍ରାରେ ଶ୍ରମିକ ମାନେ ବାହାର ରାଜ୍ୟକୁ ଯାଉଛନ୍ତି ।

## ସେମିଳିଗୁଡା ବିଡିଓ ପୁରସ୍କୃତ

**ସେମିଳିଗୁଡା,୧୭।୮(ସ୍ୱ.ପ୍ର)**

ସେମିଳିଗୁଡା ବିଡିଓ ତ୍ରିନାଥ ମାଝି ବେଷ୍ଟ ବିଡିଓ ଭାବେ ପୁରସ୍କୃତ ହୋଇଛନ୍ତି । କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ତାଙ୍କୁ ପୁରସ୍କୃତ କରିବା ସହ ମାନପତ୍ର ପ୍ରଦାନ କରିଛନ୍ତି । ଏହି ସମୟରେ ବ୍ଲକ ଅଧ୍ୟକ୍ଷ, ୧୭ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ । ବିଡିଓ ମାଝି ସରକାରୀ ଯୋଜନାକୁ ଠିକ୍ ସମୟରେ କାର୍ଯ୍ୟ କରିବା ସହ ଲୋକଙ୍କ ପାଖରେ ପହଞ୍ଚାଇବାରେ ପ୍ରଥମ ହୋଇଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।


ବିଜ୍ଞାନମେଳାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଜ୍ଞାନ ମେଳା

**ବୋରିଗୁମ୍ମା,୧୭।୮(ଡି.ଏନ.ଏ)**

ବୋରିଗୁମ୍ମାସ୍ଥିତ ପ୍ରଜ୍ଞା ବିହାରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୨୪ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମମତା ମହାପାତ୍ରଙ୍କ ନେତୃତ୍ୱରେ ଆୟୋଜିତ ମେଳାରେ ଚତୁର୍ଥ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଭାଗ ନେଇ ଥିଲେ। ପରିଦର୍ଶକ ରୂପେ ସରକାରୀ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ଓ ପ୍ରଶାନ୍ତ କୁମାର ଦାସ ଯୋଗ ଦେଇଥିଲେ। କୃତୀ ଛାତ୍ରୀଛାତ୍ର ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ସଂକୁଳ ସ୍ତରୀୟ ବିଜ୍ଞାନ ମେଳାରେ ଅଂଶ ଗ୍ରହଣ କରିବେ । କମିଟି ଉପସଭାପତି ପ୍ରଫୁଲ୍ଲ ଦଣ୍ଡସେନା, କୋଷାଧ୍ୟକ୍ଷ କବିବର ନାୟକ, ଗୁରୁଜୀ ସୁନିଲ କୁମାର ରଥ, ଗୁରୁମା ତନୁଯା ମହାନ୍ତି, ବ୍ରଜେଶରୀ ସାହୁ, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକ, ସଭାପତିଙ୍କୁ ଘେରିଲେ ଗ୍ରାମବାସୀ

**ଦଶମନ୍ତପୁର, ୧୭।୮ (ଡି.ଏନ୍.ଏ.)**

ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ସଦରରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ୧୦୦ ଶଯ୍ୟା ବିଶିଷ୍ଟ ସେବାଶ୍ରମରେ ମନମୁଖୀ ଭାବେ କର୍ମଚାରୀ ଚୟନ କରାଯାଇଛି । ଏହାକୁ ନେଇ ଗ୍ରାମବାସୀ ପ୍ରଧାନ ଶିକ୍ଷକ ଓ ସଭାପତିଙ୍କୁ ଘେରିଛନ୍ତି।

୧୯୪୬ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ସେବାଶ୍ରମ ପରିଚାଳନା କରିବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ସେବାଶ୍ରମ ଲାଗି କିଛି କର୍ମଚାରୀ ପଦବୀ ଆବଶ୍ୟକ ବୋଲି ନୋଟିସ ଜାରି ହୋଇଥିଲା। ହେଲେ ବିଦ୍ୟାଳୟର କିଛି ଅଧିକାରୀ ଉକ୍ତ ପଦବୀଗୁଡିକୁ ନିଜ ଇଚ୍ଛାନୁସାରେ ପୂରଣ କରିଛନ୍ତି । ସରକାରଙ୍କ ନିୟମାନୁସାରେ ନିଯୁକ୍ତି ଦିଆଯାଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ଗ୍ରାମବାସୀ ପ୍ରଧାନଶିକ୍ଷକ ଗୁପ୍ତଚନ୍ଦ୍ର ହିଆଲ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଞ୍ଜୁ କନ୍ଧପାନଙ୍କୁ ଘେରାଉ କରିଥିଲେ । ଦୀର୍ଘ ଘଣ୍ଟା ଧରି ଘେରାଉ କରିବାପରେ ଏହି ଚୟନ ନାମକୁ ମାତ୍ର କରାଯାଇଛି। ପଦବୀ ପାଇଁ ସମସ୍ତ ବର୍ଗର ଯୋଗ୍ୟତା ଥିବା ଯବତୀ ଯୁବକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଅତିରିକ୍ତ ପ୍ରଧାନଶିକ୍ଷକ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶାନ୍ତ ପଡ଼ିଥିଲେ। ଗତ ୧୪ ତାରିଖରେ ଗ୍ରାମବାସୀ ବିଇଓ ଏବଂ ଡିଇଓ ପ୍ରମୋଦ କୁମାର ପଣ୍ଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି । ପ୍ରଧାନଶିକ୍ଷକ ହିଆଲଙ୍କୁ ପଚାରିବାରୁ, ଉକ୍ତ ପଦବୀ ଚୟନ ପ୍ରଶାସନ ଦ୍ୱାରା ହିଁ ସମ୍ଭବ । ଏ ସମ୍ପର୍କରେ ଏସ୍‌ଏମ୍‌ସି କମିଟି ସଭାପତି ୫ ମାସ ହେଲାଣି ମୋ ଅଜାଣତରେ ବହୁ କାର୍ଯ୍ୟ କରିଥିବା କହିଛନ୍ତି ।


ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଗ୍ରାମବାସୀ ଘେରାଉ କରିଛନ୍ତି ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଅଗଷ୍ଟ ୧୮/୨୦୧୯ Rayagada, Sunday, August 18 / 2019

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ପଦ୍ମଗିରି,୧୭।୮(ଡି.ଏନ.ଏ.): ମାଲକାନଗିରି ଜିଲା ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ନିକଟସ୍ଥ ଝିଲେରିଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗଙ୍ଗା ଖୁରାମିଙ୍କ ପୁଅ ରୂପକ ଖୁରାମି (୪୫) ତାଙ୍କ ଜମିରେ ଚାଷ କାର୍ଯ୍ୟ ସାରି ସନ୍ଧ୍ୟାରେ ଘରକୁ ଫେରୁଥିଲେ । ଏହି ସମୟରେ ହଠାତ ବଜ୍ରପାତ ହୋଇଥିଲା। ତାଙ୍କର ଗୋଟିଏ ଝିଅ ଓ ୩ଟି ପୁଅ ଅଛନ୍ତି। ତାଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### କନ୍‌ଫରେନ୍ସ ହଲ୍ ଉଦ୍‌ଘାଟିତ



କୋରୁକୋଣ୍ଡା,୧୭।୮ (ଡ଼ି.ଏନ.ଏ.): ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତରେ ଏକ କନ୍‌ଫରେନ୍ସ ହଲ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଦାଶରଥି ସରାବୁ, ସରପଞ୍ଚ ବଂଶୀଧର ମୁଦୁଲିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ୧୫୦ ତମ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ମାଲକାନଗିରି, ୧୭।୮(ସ୍ୱ.ପ୍ର.): ମାଲକାନଗିରି ଜିଲାପାଳଙ୍କ ସଭାଗୃହରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲା ପରିଷଦ ସଭାପତି ଦଶରଥ ପଡିଆମି, ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ପଣ୍ଡା, ଡିଏସ୍‌ପି ଅକ୍ଷୟ କୁମାର ନାୟକ, ଉତ୍କଳ ସାହିତ୍ୟ ସଂସଦ ସଭାପତି କେଶବ ଚନ୍ଦ୍ର ନାୟକ ଉପସ୍ଥିତ ରହି ୧୫୦ତମ ଗାନ୍ଧୀ ଜୟନ୍ତୀ କାର୍ଯ୍ୟସୂଚୀ ଉପରେ ନିଜ ମତ ରଖିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ଗୁଣନିଧି ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ସ୍ଥାପନ, ବାଲିମେଳା ଛକଠାରୁ ବାଲିସାଗର ରାସ୍ତା ମହାତ୍ମା ଗାନ୍ଧୀଙ୍କ ନାମରେ ନାମକରଣ, ନିଶା ନିବାରଣ, ପଥପ୍ରାନ୍ତ ବୃକ୍ଷରୋଣ, ଶୋଭାଯାତ୍ରା, ବକ୍ତୃତା, ସଙ୍ଗୀତ, ରଚନା, ଚିତ୍ରାଙ୍କନ ପ୍ରତିଯୋଗିତା, ଗ୍ରାମ ସଫେଇ, କସ୍ତୁରବା ଗାନ୍ଧୀଙ୍କ ଉପରେ ଆଲୋଚନାଚକ୍ର, କବିତା ପାଠୋତ୍ସବ, କରାଯିବାକୁ ଆଲୋଚନା ହୋଇଥିଲା।



ଭକ୍ତରାମଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

■ଭକ୍ତରାମଙ୍କୁ ସମ୍ବର୍ଦ୍ଧନା

## ପରିବାରକୁ ମିଳିବ ସମସ୍ତ ସହାୟତା:ବିଡିଓ

ଚିତ୍ରକୋଣ୍ଡା,୧୭।୮(ଡି.ଏନ.ଏ.)

ଚିତ୍ରକୋଣ୍ଡା ଖେଳପଡିଆଠାରେ ସ୍ୱାଧୀନତା ଦିବସ ଅବସରରେ ଅନ୍ତର୍ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ଭକ୍ତରାମ ଦେସ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଶାସନ ପକ୍ଷରୁ ତହସିଲଦାର ଟି. ପଦ୍ମନାଭ ଦୋରା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୋରାଗୁଡା ପଞ୍ଚାୟତର ଭକ୍ତରାମଙ୍କୁ ତହସିଲଦାର ସମ୍ମାନିତ କରିବା ପରେ ସହରର ସ୍ପୋର୍ଟସ୍ କ୍ଲବ, ୟୁଥ୍ କ୍ଲବ, ଯୁବବାହିନୀ, ସରକାରୀ ଓ ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସ୍ଥାନୀୟ ପଞ୍ଜାବୀ ଛକଠାରେ ଏକାଠି ହୋଇ ଭକ୍ତରାମଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣାଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ତାଙ୍କୁ ବିଡିଓ ଲରିମନ ଖେରସେଲ ସମ୍ବର୍ଦ୍ଧିତ କରି ୫ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ। ତାଙ୍କ ପରିବାରକୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ଏହି ଅବସରରେ ବିଡିଓ ଘୋଷଣା କରିଥିଲେ। ଶୋଭାଯାତ୍ରାକୁ ଅମିତ୍ ଅଗ୍ରୱାଲ, ରାଜକମଲ ପୁରୋହିତ, କ୍ଷୀରୋଦ ବେହେରା, ବିଜୁ ଖିଲ, ରତ୍ନାକର ପ୍ରଧାନ, ଦୀପ୍ତି ରଞ୍ଜନ ରଥ, ସତ୍ୟପ୍ରକାଶ ମିଶ୍ର ପରିଚାଳନା କରିଥିଲେ।

## ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ନବନିଯୁକ୍ତ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା



ନବନିଯୁକ୍ତ ଅଧ୍ୟକ୍ଷଙ୍କୁ କର୍ମକର୍ତ୍ତାମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ମାଲକାନଗିରି,୧୭।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ଶନିବାର ନବନିଯୁକ୍ତ ଜିଲା ସ୍ୱତନ୍ତ୍ର ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ମାନସ ମାଡକାମିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସଦର ମହକୁମା ଲାଠିଆଗୁଡାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ମାଡକାମିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଅଧ୍ୟକ୍ଷ ଧନୁର୍ଜୟ ମାଡକାମି ଅଧ୍ୟକ୍ଷତା କରିଥିଲେ। ମାଡକାମି ବିଧାୟକ ଥିବା ସମୟରେ ତାଙ୍କ ନିର୍ବାଚନ ମଣ୍ଡଳୀ ତଥା ଜିଲାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ। ତାଙ୍କର ଏହି ନିଯୁକ୍ତି ପାଇଁ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞତା ଜଣାଇଛନ୍ତି। ଆଗାମୀ ଦିନରେ ମାଲକାନଗିରି ଜିଲାର ଆଦିବାସୀ ଏବଂ ଅନ୍ୟାନ୍ୟ ସମ୍ପ୍ରଦାୟର ବିକାଶ ପାଇଁ ନିଜକୁ ନିୟୋଜିତ କରିବେ ବୋଲି ଏହି ଅବସରରେ ମାଡକାମି କହିଛନ୍ତି। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲି, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷା ରାଜୱନ୍ତ କୌର, ଡ. କାମରାଜ କବାସୀ, ମାଲକାନଗିରି ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ରଥିକୃଷ୍ଣ ପାତ୍ର, ଜୋସେଫ୍ ଜେମ୍ସ, ଶଙ୍କର ଶାହା, ଲମ୍ବୋଦର ଡୁରୁକ, ଉଦୟନାଥ ମାଦ୍ରି, ଅକ୍ଷୟ ମହନ୍ତ, ଦଳ ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ମା'ଘର ସଭାପତି ପ୍ରଶାନ୍ତିଲତା ବିଶୋୟୀ, ମାଲକାନଗିରି ବ୍ଲକ ସଭାପତି ସର୍ବ ବିଶୋୟୀ, କାଳିମେଳା ବ୍ଲକ ସଭାପତି ଇ.ଭେଙ୍କର ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଗତବର୍ଷ ଅପେକ୍ଷା ଚଳିତବର୍ଷ ଡ୍ୟାମ ଜଳପତ୍ତନ କମ୍ ରହିଛି

ଚିତ୍ରକୋଣ୍ଡା,୧୭।୮(ଡି.ଏନ.ଏ.)

ମାଲକାନଗିରି ଜିଲାର ଚିତ୍ରକୋଣ୍ଡା-ବାଲିମେଳା ଡ୍ୟାମରେ ଗତବର୍ଷ ଅପେକ୍ଷା ଚଳିତବର୍ଷ ଜଳପତ୍ତନ ୪ଫୁଟ କମ୍ ରହିଛି। ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଏହି ଡ୍ୟାମର ଶନିବାର ଜଳପତ୍ତନ ୧୪୯୧.୭୦ ଫୁଟ ରହିଛି। ଗତବର୍ଷ ଏହି ସମୟରେ ଜଳପତ୍ତନ ୧୪୯୫.୯୦ ଫୁଟ୍ ଥିଲା। ଫଳରେ ଗତବର୍ଷ ତୁଳନାରେ ଚଳିତବର୍ଷ ୪ଫୁଟ୍ କମ ଜଳ ରହିଛି। ଡ୍ୟାମର ଜଳଧାରଣ କ୍ଷମତା ୧୫୧୬ ଫୁଟ ରହିଛି। ୧୫୧୮ ଫୁଟ୍ ହେଉଛି ଏହାର ବିପଦ ସଙ୍କେତ। ୧୫୧୬ ଫୁଟ ଛୁଇଁଲେ ଜଳ ଛାଡିବା ବ୍ୟବସ୍ଥା ହୋଇଥାଏ। ତେବେ ବର୍ତ୍ତମାନ ଏହା ବିପଦ ସଙ୍କେତର ବହୁ ତଳେ ରହିଛି। ବିଦ୍ୟୁତ୍ ଓ ଜଳସେଚନ ପାଇଁ ଜଳ ଅଭାବ ହେବନାହିଁ ବୋଲି ଡ୍ୟାମ ଦାୟିତ୍ୱରେ ଥିବା ଏକଜୁକେଟିଭ ଇଞ୍ଜିନିୟର କବି ପ୍ରସାଦ ମାଥ କହିଛନ୍ତି।

■ପ୍ରତିଶ୍ରୁତି ରଖିଲେ ଏମ୍‌ପି, ବିଧାୟକ

## ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ୨ଟି ନୂତନ ଶଯ୍ୟା

କୋରୁକୋଣ୍ଡା,୧୭।୮ (ଡ଼ି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଥିବା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଟି ନୂତନ ଶଯ୍ୟା ପ୍ରଦାନ କରାଯାଇଛି। ରୋଗୀମାନଙ୍କ ପାଇଁ ଶଯ୍ୟାର ଅଭାବ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବେଳେବେଳେ ଅଧିକ ସଂଖ୍ୟକ ରୋଗୀ ଚିକିତ୍ସା ପାଇଁ ଆସିଲେ ତଳେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ତଳେ ଜିଲାରେ ଲଗାଣ ବର୍ଷା ଯୋଗୁ ବନ୍ୟା ପରିସ୍ଥିତି ଉପୁଜିଥିଲା। ପରିସ୍ଥିତି ସମୀକ୍ଷା ଲାଗି ନବରଙ୍ଗପୁର ଏମ୍‌ପି ରମେଶ ମାଝି ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୟରେ କେତେକ ବ୍ୟକ୍ତି ବାଲିମେଳା ଡାକ୍ତରଖାନାରେ ଶଯ୍ୟାର ଅଭାବ ଥିବା ଏବଂ ଏନେଇ ରୋଗୀ ହଇରାଣ ହେଉଥିବା ଉଭୟଙ୍କ ଦୃଷ୍ଟିକୁ ଆଣିଥିଲେ। ଏହି ସମସ୍ୟାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଉଭୟେ ସେତେବେଳେ ପ୍ରତିଶ୍ରୁତି ଦେଇଥିଲେ। ଏମ୍‌ପି ମାଝି ଓ ବିଧାୟକ ବାକାଙ୍କ ନିର୍ଦ୍ଦେଶରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨ଟି ଶଯ୍ୟା ପ୍ରଦାନ କରିଛନ୍ତି।

## ବେଆଇନ ବାଲି, ଚିପ୍‌ସ ଚାଲାଣ ବେଳେ ୪ ଟିପ୍ପର ଜବତ

### ୧ଲକ୍ଷ ୪୫ ହଜାର ଜରିମାନା ଆଦାୟ

ଚିତ୍ରକୋଣ୍ଡା,୧୭।୮(ଡି.ଏନ.ଏ.)

ଚିତ୍ରକୋଣ୍ଡା ଅଞ୍ଚଳରେ ବେଆଇନ ଭାବେ ବାଲି, ଚିପ୍‌ସ ଓ ମେଟାଲ ଚାଲାଣ କରୁଥିବା ୪ଟି ଟିପ୍ପରକୁ ତହସିଲଦାର ଟି. ପଦ୍ମନାଭ ଦୋରା ଓ ଅତିରିକ୍ତ ତହସିଲଦାର ଚନ୍ଦ୍ରମଣି ସ୍ୱାଇଁ ଚଢାଉ କରି ଜବତ କରିଛନ୍ତି। ଗାଡିଗୁଡିକରୁ ୧ଲକ୍ଷ ୪୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୂର୍ବରୁ ଏପରି ବେଆଇନ ଚାଲାଣ ନ କରିବା ଲାଗି ଏହି ଗାଡିଗୁଡିକୁ ତାଗିଦ କରାଯାଇଥିଲେ ସୁଦ୍ଧା ଗାଡିମାଲିକମାନେ ଏହାକୁ ଗୁରୁତ୍ୱ ଦେଇ ନ ଥିଲେ।

## ପାଣି ପାଖରେ ଥାଇ ପାଉନାହାନ୍ତି ଲୋକେ

ଚିତ୍ରକୋଣ୍ଡା,୧୭।୮(ଡି.ଏନ.ଏ.)

**ବର୍ଷା ଦିନେ ମଧ୍ୟ ଜଳକଷ୍ଟ**

■ଜଳ ଯୋଗାଣରେ ପ୍ରଶାସନ ଫେଲ୍

■ପୁରୁଣା ପାଇପ ଲାଇନ ମରାମତି ଦାବି

■ଜଳଯୋଗାଣ ନେଇ ଖୋଲିଛି ଗୋଟିଏ ଗେଟ

ଚିତ୍ରକୋଣ୍ଡା ସରକାରୀ କଲୋନୀ ଏବଂ ବସ୍ତି ଅଞ୍ଚଳବାସୀ ବାଲିମେଳା ଡ୍ୟାମ ପାର୍ଶ୍ୱରେ ରହୁଥିଲେ ମଧ୍ୟ ଜଳକଷ୍ଟ ଭୋଗୁଛନ୍ତି। ୫ଦିନ ହେଲା ଏହି ଅଞ୍ଚଳରେ ଜଳ ଯୋଗାଣ ହୋଇନି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଡ୍ୟାମ ତଳିଆ ଅଞ୍ଚଳରେ ପାଣି କମ୍ ଥିବାରୁ ମୋଟରରେ ଏହା ଉଠାଉନାହିଁ। ଫଳରେ ଶନିବାର ଅଞ୍ଚଳବାସୀଙ୍କୁ ଜଳଯୋଗାଣ ନେଇ ଡ୍ୟାମର ଗୋଟିଏ ଗେଟ୍ ଖୋଲାଯାଇଛି। ପାଣି ଉଠାଉଥିବା ପମ୍ପଟି ବର୍ଷକୁ ଅନେକ ଥର ଖରାପ ହେଉଛି। ୧୦ବର୍ଷ ତଳେ କିଣାଯାଇଥିବା ଏହି ୧୧୦ ଏଚପିର ମୋଟର ପମ୍ପରେ ଅଞ୍ଚଳବାସୀଙ୍କୁ ଦିନକୁ ୩ଥର ଜଳ ଯୋଗାଣ ହେଉଥିଲା। ଏବେ ମାତ୍ର ୨ଏଚପିର ମୋଟର ବସିଛି, ଯାହା କମ୍ ପାଣି ଉଠାଉଛି। ଜିଲା ପ୍ରଶାସନ ଜଳ ଯୋଗାଣ ନେଇ ଆରଡବ୍ଲ୍ୟୁଏସଏସ ଓ ଅନ୍ୟ ପ୍ରକଳ୍ପରେ ଅର୍ଥ ଖର୍ଚ୍ଚ କରୁଛି, ମାତ୍ର ସ୍ଥାନୀୟ ଲୋକଙ୍କୁ ଜଳ ଯୋଗାଣରେ ଫେଲ ମାରୁଛି ବୋଲି ଅଭିଯୋଗ ହେଉଛି। ବାଲିମେଳା ଜଳଭଣ୍ଡାରକୁ ୨ଟି ୧୧୦ ଏଚପିର ମୋଟର ପମ୍ପ ଯୋଗାଇବା ସହ ବସ୍ତି ଅଞ୍ଚଳକୁ ଯାଇଥିବା ପୁରୁଣା ପାଇପ ଲାଇନ ମରାମତି କଲେ ଚିତ୍ରକୋଣ୍ଡା ଅଞ୍ଚଳରେ ଜଳ ଯୋଗାଣ ସମସ୍ୟା ସୁଧୁରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।






## ଅନାଥ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ବଣ୍ଟନ



ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ମାଲକାନଗିରି,୧୭।୮(ସ୍ୱ.ପ୍ର.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଶିଶୁ ଗୃହଠାରେ ଜିଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଶିକ୍ଷା ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଭକ୍ତଚରଣ ରାଉତଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମାଲକାନଗିରିର ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷା ରାଜୱନ୍ତ କୌର, ସଂଘ ସଦସ୍ୟ ଅଶୋକ କୁମାର ରାଉତ, ଛବି ଦାସ, ସନ୍ତୋଷ ପାଣିଗ୍ରାହୀ ଯୋଗଦେଇ ଅନାଥ ଛାତ୍ରୀଛାତ୍ରଙ୍କ ସମସ୍ୟା ସମାଧାନ ପାଇଁ ସର୍ବଦା ଜିଲାବାସୀ ସେମାନଙ୍କ ପଛରେ ରହିଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ମଧ୍ୟ ସଂଘ ପକ୍ଷରୁ ସେମାନଙ୍କୁ ସହଯୋଗ କରାଯିବ ବୋଲି କହିଥିଲେ । ଏହି ଅବସରରେ ୬ ଜଣ ଛାତ୍ରୀଛାତ୍ରଙ୍କୁ ଖାତା, କଲମ, ପେନ୍‌ସିଲ, ଛତା ଓ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଘ ସଦସ୍ୟ କ୍ରିଷ୍ଣା ସିଂ, ସୁବାସ ବିଶୋୟୀ, କୁମାର ପାଙ୍ଗୀ, କୁନୁ ମହାରଣା, ରାଜୁ ବାଘ, ବାବୁଲା ନାଗ, ମଲ୍ଲିକେଶ୍ୱର ଗୁରୁ, ସନ୍ତୋଷ କୁମାର ତ୍ରିପାଠୀ, ପ୍ରଭାତ ମହୁରିଆ, ଟୁନା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଜଣେ ଯଦି ତୁମଠାରୁ ଭଲ ନ ହୋଇଥାଏ,
ତା' ସହିତ ବନ୍ଧୁତା ବାନ୍ଧ ନାହିଁ।
-କନ୍‌ଫୁସିୟସ



## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

ଗୁଣପୁର,(ଡି.ଏନ୍.ଏ.)୧୭।୮ ରାୟଗଡ଼ା ଜିଲା ଗୁଡାରୀ ବ୍ଲକ୍ ଏମ୍.କେ. ରାଇ ପଞ୍ଚାୟତ ସର୍ଗୀଗୁଡ଼ା ଗ୍ରାମରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଗ୍ରାମର ଜର୍ଜୀନା ପାଣି(୩୫)। ସେ ବିଲରେ ଧାନ ରୋଇବା ସମୟରେ ହଠାତ୍ ବଜ୍ରପାତ ଯୋଗୁ ଗୁରୁତର ହୋଇଥିଲେ। ତାଙ୍କୁ ତୁରନ୍ତ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ସେହିପରି ଗ୍ରାମର ଅନ୍ୟ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି।

### ନିଖୋଜ ଯୁବକଙ୍କ ମୃତଦେହ ନାଗାବଳୀରୁ ଉଦ୍ଧାର

ରାୟଗଡ଼ା ଅଫିସ,୧୭।୮: ଜାଙ୍ଗିଡ଼ି ପଞ୍ଚାୟତର ଖିଲିଜିମ ଗ୍ରାମରେ ଗତ ୧୪ରେ ନିଖୋଜଥିବା ମାଲିକି କାଡ୍ରାକାଙ୍କ ପୁଅ କୃପାସିନ୍ଧୁଙ୍କ ମୃତଦେହ ନାଗାବଳୀ ନଦୀରୁ ଉଦ୍ଧାର ହୋଇଛି। କୃପାସିନ୍ଧୁ ନିଖୋଜ ଥିବା ନେଇ ପତ୍ନୀ ଓ ୱାର୍ଡମେମ୍ବର ସେଷ୍କାଲ ଥାନାରେ ଏତଲା ଦେଇଥିଲେ। ଶନିବାର ପୋଲିସ ଗ୍ରାମ ନିକଟସ୍ଥ ନାଗାବଳୀ ନଦୀରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି, ପରିବାର ଲୋକଙ୍କ ମନା କରିବା ସତ୍ତ୍ୱେ କୃପାସିନ୍ଧୁ ନଦୀ ପାର ହୋଇ ବଜାରକୁ ଯିବା ସମୟରେ ନଦୀରେ ଭାସିଯାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

### ଆକ୍ରମଣ, ଲୁଟ ଘଟଣା, ୩ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୧୭।୮: ଏକ ଆକ୍ରମଣ ଓ ଲୁଟ ମାମଲାର ବିଚାର କରି ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପାରମିତା ରାଉଳ ୩ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଜରଡ଼ା ଥାନା ଖରିଆଗୁଡା ଗ୍ରାମର କେଶବ କୁଣ୍ଡୁ ଓରଫ କାଳିଆ, ନରସିଂହ କୁଣ୍ଡୁ ଓ ଭଗବାନ ସାହୁ। ୨୦୧୪ ଏପ୍ରିଲ ୨୨ରେ ଜରଡ଼ାର ରାମନାଥ ସାହୁଙ୍କୁ ଠେସା କାଳିଆ ଓ ତାଙ୍କ ୨ ସହଯୋଗୀ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ କରିବା ସହ ବାଇକ୍ ଲୁଟି ନେଇଥିଲେ। ପୋଲିସ ନଂ.୫୯/୧୪ରେ କାଳିଆ ଓ ତାଙ୍କର ୨ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶନିବାର ମାମଲାର ବିଚାର ବେଳେ ସିଜେଏମ୍ ୧୦ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି।

### ଆତଙ୍କରାଜ, ଯୁବତୀଙ୍କୁ ହତ୍ୟା ଉଦ୍ୟମ ଘଟଣା

### ଖଣ୍ଡି ଗ୍ୟାଙ୍ଗର ମୁଖ୍ୟ ସମେତ ୬ ଗଲେ ଜେଲ୍

ବ୍ରହ୍ମପୁର ଅଫିସ,୧୭।୮: ବ୍ରହ୍ମପୁର ବଡବଜାର ଥାନା ଲକ୍ଷ୍ମୀନୃସିଂହ ସାହିରେ ୬ ଜଣ ଦୁର୍ବୃତ୍ତ ଆତଙ୍କ ଚଳାଇବା ସହ ବାଲବଚା ଗ୍ୟାଙ୍ଗର ମୁଖ୍ୟ ଲବ ସେଠୀଙ୍କୁ ନ ପାଇ ତାଙ୍କ ଭଉଣୀ କାମିନୀଙ୍କୁ ଖଣ୍ଡାରେ ହାଣି ଗୁରୁତର କରିଥିଲେ। ଏହି ଘଟଣାରେ ପୋଲିସ ଖଣ୍ଡି ଗ୍ୟାଙ୍ଗର ମୁଖ୍ୟ ନାରାୟଣ ବେହେରା ଓରଫ ଖଣ୍ଡି, ନୀଳାଚଳ ବେହେରା ଓରଫ କାଳିଆ, ଲକି ପାଢ଼ୀ, କାଳିଆ ଡାକୁଆ, ରାମ ପଣ୍ଡା ଓ ଶମ୍ଭୁ ମହାରଣାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଘଟଣା ପରେ ଅଭିଯୁକ୍ତମାନେ ଲୁଚାଇ ରଖିଥିବା ୨ଟି ଖଣ୍ଡା ଜବତ କରାଯାଇଥିବା ସେ କହିଛନ୍ତି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି।
ପ୍ରକାଶ ଯେ, ୨୦୧୭ରେ ଲବ ଗୋଷ୍ଠୀ ଅନ୍ୟ ଏକ ଗୋଷ୍ଠୀର ଖଣ୍ଡି ଓ ତାଙ୍କ ସହଯୋଗୀଙ୍କୁ ଆକ୍ରମଣ କରିଥିଲେ। ଏହାର ପ୍ରତିଶୋଧ ନେବା ପାଇଁ ନାରାୟଣ ସୁଯୋଗ ଖୋଜୁଥିଲେ। ଗତ ୧୫ ତାରିଖ ରାତିରେ ଲବ ଦାଣ୍ଡରେ ଠିଆ ହୋଇଥିବା ବେଳେ ଖଣ୍ଡି ଗୋଷ୍ଠୀର ୬ଜଣ ୨ଟି ବାଇକ୍‌ରେ ସେଠାରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ଖଣ୍ଡା ଧରି ଲବଙ୍କୁ ହାଣିବା ପାଇଁ ଗୋଡ଼ାଇ ଥିଲେ। ହେଲେ ସେଠାରେ ଥିବା ତାଙ୍କ ଭଉଣୀ କାମିନୀ ଭାଇଙ୍କୁ ଘର ଭିତରକୁ ଯିବାକୁ କହି ଦୁର୍ବୃତ୍ତଙ୍କୁ ଅଟକାଇଥିଲେ। ଲବ ଖସି ପଳାଇବାରୁ ଅଭିଯୁକ୍ତମାନେ ରାଗରେ କାମିନୀଙ୍କୁ ଖଣ୍ଡାରେ ହାଣି ଦେଇଥିଲେ। ପୋଲିସ ଗୁରୁତର ଅବସ୍ଥାରେ କାମିନୀଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ପରେ ଲବଙ୍କ ଅଭିଯୋଗ କ୍ରମେ ନଂ.୧୩୩/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

## ରାୟଗଡ଼ା ନୂତନ ରେଲୱେ ଡିଭିଜନ

# ସଞ୍ଜୟ ମହାପାତ୍ରଙ୍କୁ ନୋଡାଲ ଅଧିକାରୀ ଦାୟିତ୍ୱ

ରାୟଗଡା ଅଫିସ,୧୭।୮

ଭାରତ ସରକାରଙ୍କ ରେଳ ମନ୍ତ୍ରଣାଳୟ ଚିଠି ସଂଖ୍ୟା ୨୦୧୯/ଇଏଣ୍ଡଆର/୧/(୧)/୧ /୧୭/୭/୨୦୧୯ ଅନୁଯାୟୀ ପୂର୍ବତଟ ରେଳବିଭାଗ ଅଧୀନସ୍ଥ ରାୟଗଡ଼ାକୁ ନୂତନ ଡିଭିଜନ ଭାବେ ଅନୁମୋଦନ ପ୍ରଦାନ କରାଯାଇଥିଲା। ତେବେ ଯଥାଶୀଘ୍ର ରାୟଗଡ଼ା ଡିଭିଜନକୁ କାର୍ଯ୍ୟକ୍ଷମ କରାଇବା ପାଇଁ ପୂର୍ବତଟ ରେଳବିଭାଗର ଜଣେ ନୋଡାଲ ଅଧିକାରୀଙ୍କୁ ନିଯୁକ୍ତ କରିବା ପାଇଁ ରେଳ ମନ୍ତ୍ରଣାଳୟ ପୂର୍ବତଟ ରେଳବାଇ ଜୋନ୍‌ର ଜିଏମ୍‌ଙ୍କୁ ଚିଠି କରିଥିଲେ, ଯାହାକୁ ନେଇ ପୂର୍ବତଟ ରେଳପଥ ଭୁବନେଶ୍ୱରସ୍ଥିତ ଚିଫ୍ ପର୍ସନାଲ୍ ଅଫିସରଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୬୬/୨୦୧/ ତା.୮/୮/୨୦୧୯ ରିଖ ପ୍ରକାରେ ସିଟିଏମ୍‌ଇ/ଇକୋଆର/ଭୁବନେଶ୍ୱର ବିଭାଗରେ ଏବେ କାର୍ଯ୍ୟରତ ସଂଜୟ ମହାପାତ୍ର (ଏସ୍‌ଏଜି/ ଆଇଆରଟିଏସ୍) ପୋଷ୍ଟକୋଡ-(ଆଇସିଓ ୪ପି୦୦୧)ଙ୍କୁ ରାୟଗଡ଼ା ରେଲୱେ ନୂଆ ଡିଭିଜନର ନୋଡାଲ ଅଫିସର ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ରାୟଗଡ଼ା ନୂଆ ଡିଭିଜନକୁ କାର୍ଯ୍ୟକ୍ଷମ କରିବା ପାଇଁ ସମସ୍ତ ଔପଚାରିକତାକୁ ପୂରଣ କରିବା ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯାଇଛି ଏବଂ ସେ ଖୁବ୍‌ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ନୋଡାଲ ଅଧିକାରୀ ମହାପାତ୍ର ଏବେ ପୂର୍ବତଟ ରେଳପଥ ଅଧୀନରେ ଥିବା ୱାଲଟିୟର ଡିଭିଜନର ମୁଖ୍ୟାଳୟ ଏବଂ ଦକ୍ଷିଣତଟ ରେଳପଥ ଅଧିକାରୀ ଓଏସ୍‌ଡିଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ ନିର୍ବାହ କରିବା ପାଇଁ ରେଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ନୂଆ ରାୟଗଡ଼ା ଡିଭିଜନ ସ୍ଥାପନ ପାଇଁ ଆବଶ୍ୟକୀୟ ସମସ୍ତ ଆନୁଷଙ୍ଗିକ ଅତ୍ୟାଧୁନିକ ବ୍ୟବସ୍ଥା ସହ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଇ ଏହାକୁ ଅଗଷ୍ଟ ୩୧ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ରେଳ ବିଭାଗ ପକ୍ଷରୁ ଦାୟିତ୍ୱ ଦିଆଯାଇଛି। ଅପରପକ୍ଷରେ ରାୟଗଡ଼ାକୁ ନୂଆ ରେଳ ଡିଭିଜନର ଅନୁମୋଦନ ପରେ ବିଶେଷକରି ରାୟଗଡ଼ା ରେଳ ଷ୍ଟେଶନର ଆହୁରି ଉନ୍ନତି ହେବ। ଯାତ୍ରୀଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ ବିଶ୍ରାମାଗାର ନିର୍ମାଣ, ବହୁମାତ୍ରାରେ ନିଯୁକ୍ତି ସୁଯୋଗ ଯୋଗୁ ସ୍ଥାନୀୟ ଅଞ୍ଚଳର ବେକାରି ସମସ୍ୟା ହ୍ରାସ ପାଇବ, ଦୂରଗାମୀ ଟ୍ରେନଗୁଡ଼ିକ ଚଳାଚଳ କରିବ, ରେଳଯାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ସେବା ମିଳିପାରିବ ଏବଂ ଡିଭିଜନ ଗଠନ ଫଳରେ ଏଠାରେ ରେଳବିଭାଗ ଦ୍ୱାରା ସ୍କୁଲ, କଲେଜ, ରାସ୍ତାଘାଟ, ହସ୍ପିଟାଲ ଆଦି ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ହୋଇପାରିବ ବୋଲି ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ଏବେ ରାୟଗଡ଼ା ରେଳ ଷ୍ଟେଶନ ଦେଇ ୬୦ଟି ଏକ୍ସପ୍ରେସ୍ ଟ୍ରେନ ଯାତାୟାତ କରୁଛି। ଏହି ରେଳ ଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ପାଦଚଲା ଓଭରବ୍ରିଜ ନିର୍ମାଣ ହୋଇଥିବା ବେଳେ ଦିବ୍ୟାଙ୍ଗ ଓ ବୟସ୍କ ଯାତ୍ରୀମାନଙ୍କ ପାଇଁ ଲିଫ୍ଟ ନିର୍ମାଣାଧୀନ ରହିଥିବା ଜଣାପଡ଼ିଛି।



ରାୟଗଡ଼ା ରେଳ ଷ୍ଟେଶନ।

## ସ୍ୱଭାବ କବିଙ୍କ ଜୟନ୍ତୀ ପାଳିତ

ଗୁଣପୁର,୧୭।୮(ଡି.ଏନ.ଏ)

ବଂଶଧାରା ସାହିତ୍ୟ ସମାଜ ପକ୍ଷରୁ ଗୁଣପୁର ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ସ୍ୱାଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସମାଜର ସଭାପତି ପ୍ରଭାତ ଶତପଥୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ରାୟ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ କୈଳାସ ଦାସ, ସିମାଞ୍ଚଳ କର, ଜଗନ୍ନାଥ ଚୌଧୁରୀ, ବଂଶୀଧର ସେଠୀ ଯୋଗ ଦେଇ ସ୍ୱଭାବ କବିଙ୍କ ସ୍ମୃତିଚାରଣ କରିବା ସହ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କରି ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନରସିଂହ ପଟ୍ଟନାୟକ ଏବଂ ଦୂର୍ଗା ଶତପଥୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଠାରେ ୩୦ଟି ସ୍ୱରଚିତ କବିତା ପାଠ ହୋଇଥିଲା। ଉପସଭାପତି ଉମା ଶଙ୍କର ଦାସ ଧନ୍ୟବାଦ ଦେଇଥିଲେ। ରମେଶ ମିଶ୍ର, ଅଶ୍ୱିନୀ ତ୍ରିପାଠୀ, ନୀଳମାଧବ ଦାସ, ନରସିଂହ ଶତପଥୀ, ତ୍ରିପତି ପଣ୍ଡାଙ୍କ ସମେତ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ଡିଏଲ୍‌ଏସ୍‌ଏ, ବନବିଭାଗର ମିଳିତ ଚାରାରୋପଣ

ରାୟଗଡ଼ା ଅଫିସ,୧୭।୮

ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ଏବଂ ରାୟଗଡ଼ା ବନଖଣ୍ଡର ମିଳିତ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ଉପଲକ୍ଷେ ଗୁରୁବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଶୋକନଗର-ତୁମ୍ବିଗୁଡ଼ା ରାସ୍ତା ପାର୍ଶ୍ୱରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏଥିରେ ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ୍ ସୋମ ଶେଖର ଜେନା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାରାରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ହିମାଂଶୁ ଶେଖର ବ୍ରହ୍ମା, ପରିବାର ଅଦାଲତ ଜଜ୍ ସୌଭାଗିନୀ ମଲିକ, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ଏସ୍‌ଡିଜେଏମ୍ ଶତରୂପା ଶତପଥୀ, ଗ୍ରାମ ନ୍ୟାୟାଧିକାରୀ ବୈଶାଳୀ ନାୟକ, ଜେଏମ୍‌ଏଫ୍‌ସି ଶୋଭନ୍ କୁମାର ପଣ୍ଡା ଓ ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ସମେତ ବିଭିନ୍ନ ଅଦାଲତର କର୍ମଚାରୀ, ରାୟଗଡ଼ା ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରା, ରେଞ୍ଜର ପ୍ରଭାତ ସେନାପତି, ବନ ବିଭାଗର କର୍ମଚାରୀ ଓ ଆଇନଜୀବୀମାନେ ଯୋଗ ଦେଇଥିଲେ। ଏହାସହ ଜିଲାର ବିଭିନ୍ନ ନ୍ୟାୟାଳୟରେ ଡିଏଲ୍‌ଏସ୍‌ଏ ଅଧୀନସ୍ଥ ବିଭିନ୍ନ ସ୍କୁଲ ଲିଗାଲ୍ ଲିଟେରାସି କ୍ଲବ୍‌ର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ପାରା ଲିଗାଲ୍ ଭଲ୍ୟୁଣ୍ଟର୍‌ମାନେ ଉପସ୍ଥିତ ରହି ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ।


ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ଓ ଅନ୍ୟମାନେ ଚାରାରୋପଣ କରୁଛନ୍ତି।

## ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୭।୮

ବ୍ରହ୍ମପୁର ଗେଟବଜାର ନିକଟ ପାୟଲ ସିନେମା ହଲ ସମ୍ମୁଖରେ ଥିବା ଏକ ପୋଖରୀରୁ ଜଣେ ନିଖୋଜ ଯୁବକଙ୍କ ମୃତଦେହ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ପରେ ବୈଦ୍ୟନାଥପୁର ପୋଲିସକୁ ମୃତଦେହ ହସ୍ତାନ୍ତର କରାଯାଇଛି। ଯୁବକ ଜଣକ ଗେଟ୍‌ବଜାର ଗୋଲାପଲ୍ଲୀ ସାହିର ସୁଶାନ୍ତ ନାଇକ (୩୨)। ପୋଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଥିବା କହିଛି।
ପ୍ରକାଶ ଯେ, ସୁଶାନ୍ତ ୨ଦିନ ତଳୁ ନିଖୋଜ ଥିଲେ। ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ ପୋଖରୀରେ ଭାସୁଥିବା ସେଠାକୁ ଗାଧୋଇବାକୁ ଯାଇଥିବା ଲୋକମାନେ ଦେଖିବାକୁ ପାଇଥିଲେ। ଅଗ୍ନିଶମ ବିଭାଗ ଓ ପୋଲିସ ସେଠାରେ ପହଞ୍ଚିଥିଲେ। ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର ହେବା ପରେ ନିଖୋଜ ଥିବା ସୁଶାନ୍ତଙ୍କୁ ପରିବାର ଲୋକେ ଚିହ୍ନଟ କରିଥିଲେ। ୨୪ ଘଣ୍ଟା ପୂର୍ବରୁ ସୁଶାନ୍ତ ପୋଖରୀରେ ବୁଡି ମୃତ୍ୟୁ ଘଟିଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି।

## ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ


ଛାତ୍ରୀମାନେ ରାସ୍ତା ସଫେଇ କରୁଛନ୍ତି।

ରାୟଗଡ଼ା ଅଫିସ,୧୭।୮

ରାୟଗଡ଼ା ମହିଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଅଗଷ୍ଟ୧ରୁ ୧୫ ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ନିର୍ମାଣ ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ସ୍ୱେଚ୍ଛାସେବୀଙ୍କ ଦ୍ୱାରା ସଚେତନତା କାର୍ଯ୍ୟକ୍ରମ, କଲେଜ ପରିସର ସଫେଇ, ଗ୍ରାମରେ ପାଇଖାନା ବ୍ୟବହାର ନେଇ ସଚେତନତା, ଅନଟାରିଗୁଡ଼ା, ଢ଼େପାଗୁଡ଼ା ଗ୍ରାମରେ ସଫେଇ, ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ସଫେଇ, ଚାରାରୋପଣ ଏବଂ ସ୍ୱଚ୍ଛତା ରାଲିର ଆୟୋଜନ କରାଯାଇଥିଲା। ଡ. ରିବା ପାତ୍ର ସ୍ୱଚ୍ଛତାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ରାୟଗଡ଼ା କଲେଜ୍‌ର ଅଧ୍ୟକ୍ଷ ପ୍ରସନ୍ନ କୁମାର ଗନ୍ତାୟତ, ଅଧ୍ୟାପକ ପ୍ରଦୀପ ସାମନ୍ତରାୟ ଡ. ଅର୍ଚ୍ଚନା ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅଧ୍ୟାପିକା ପ୍ରତିମା ପଣ୍ଡା ଏବଂ ସରିତା ମିଶ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## କାମିନୀଙ୍କୁ ଶ୍ରେଷ୍ଠ ଆଶାକର୍ମୀ ପୁରସ୍କାର

ପଦ୍ମପୁର,(ଡି.ଏନ୍.ଏ.)୧୭।୮

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ର ଆଶାକର୍ମୀ(ସବ୍ ମେଣ୍ଟର୍) କାମିନୀ ମହାରଣା ଜିଲାର ଶ୍ରେଷ୍ଠ ଆଶାକର୍ମୀଭାବେ ପୁରସ୍କୃତ ହୋଇଛନ୍ତି। କାମିନୀଙ୍କୁ ଅଗଷ୍ଟ୧୫ରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ନଗଦ ୩ହଜାର ଟଙ୍କା ପୁରସ୍କାର ରାଶି ସହ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ଏହି ସମୟରେ ରାୟଗଡ଼ା ସିଡିଏମ୍‌ଓ ମଧ୍ୟ ଉପସ୍ଥିତ ଥିଲେ। ସେହିପରି କୋଲନରା ବ୍ଲକ୍‌ର ପ୍ରଣତି ରଣାଙ୍କୁ ୨୫୦୦ଟଙ୍କା ପୁରସ୍କାର ରାଶି ସହ ମାନପତ୍ର, ବିଷମକଟକ ବ୍ଲକ୍‌ର ସୌଦାମିନୀ ପାଣିଙ୍କୁ ୧୫୦୦ ଟଙ୍କା ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶ୍ରେଷ୍ଠ ଆଶାକର୍ମୀଭାବେ ପୁରସ୍କୃତ କାମିନୀ ସ୍ୱାମୀଙ୍କ ମୃତ୍ୟୁପରେ ଜଣେ ଆଶାକର୍ମୀଭାବେ ରୋଗୀ ଓ ପ୍ରସୂତୀମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରିବା ସହ ମହିଳାମାନେ କିପରି ଅନ୍ଧବିଶ୍ୱାସରୁ ଦୂରେଇ ରହିବେ ସେଥିପାଇଁ ଉଦ୍ୟମ କରୁଛନ୍ତି। ସେ ଏଭଳି ସମ୍ମାନ ପାଇ ବହୁତ ଖୁସି ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି। ପୁରସ୍କାର ପ୍ରଦାନ ସମୟରେ ଜିଲାପାଳ ପ୍ରମୋଦ କୁମାର ବେହେରା, ଏସ୍‌ପି ଶର୍ବଣା ବିବେକ ଓ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ।


ଆଶାକର୍ମୀ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୩ବର୍ଷ ହେଲା ସରୁନି ଜଗନ୍ନାଥପୁର ବ୍ରିଜ୍ ନିର୍ମାଣ

### ଅସ୍ଥାୟୀ ବ୍ରିଜ୍ ପାଇଁ ଖର୍ଚ୍ଚ ହେଲାଣି ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଗୁଣପୁର,୧୭।୮(ଡି.ଏନ.ଏ)

ପଡ଼ୋଶୀ ଆନ୍ଧ୍ର ସୀମାନ୍ତରେ ରାୟଗଡ଼ା ଜିଲାର ୩ ପଞ୍ଚାୟତ ରହିଛି। ଏହି ପଞ୍ଚାୟତଗୁଡ଼ିକ ହେଲା ଜଗନ୍ନାଥପୁର, ମରମା ଏବଂ ଗୋଠଲପଦର। ଉକ୍ତ ପଞ୍ଚାୟତବାସୀ ଯାତାୟାତ ପାଇଁ ଜଗନ୍ନାଥପୁର ବ୍ରିଜ୍ ଉପରେ ନିର୍ଭରଶୀଳ। ତେବେ ୨୦୧୫ରେ ଏହି ବ୍ରିଜ ଦବିଯିବା ପରେ ଅସ୍ଥାୟୀ ବ୍ରିଜ୍ ନିର୍ମାଣ କରାଯାଇଥିଲା। ହେଲେ ଅସ୍ଥାୟୀ ବ୍ରିଜ୍ ଅନେକ ଥର ଧୋଇଯିବା ସହ ଆପ୍ରୋଚ୍ ରୋଡ୍ ମଧ ନଷ୍ଟ ହୋଇଛି। ଶୁକ୍ରବାର ପ୍ରବଳ ବର୍ଷା ଯୋଗୁ ରାତିରେ ନାଳ ଭର୍ତ୍ତି ହୋଇ ଆପ୍ରୋଚ୍ ରୋଡ୍ ଧୋଇ ଯାଇଥିଲା। ଶନିବାର ଏହାର ମରାମତି କରାଯିବା ପରେ ଏଠାରେ ଯାତାୟାତ ସ୍ୱାଭାବିକ ହୋଇଛି।

ତେବେ ବିଡ଼ମ୍ବନାର ବିଷୟ ଏହିକି ଯେ, ଓଡିଶା-ଆନ୍ଧ୍ରକୁ ସଂଯୋଗ ପାଇଁ ଏହି ବ୍ରିଜ୍ ପ୍ରମୁଖ ମାଧ୍ୟମ ହୋଇଥିଲେ ମଧ ୩ବର୍ଷ ହେଲା ଚାଲିଥିବା ସ୍ଥାୟୀ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସରୁନି। ଏଠାରେ ସୂଚନାଯୋଗ୍ୟ, ଲଗାଣବର୍ଷା ସହ ବନ୍ୟା ଯୋଗୁ ୨୦୧୫ରେ ବ୍ରିଟିଶ୍ ଅମଳର ସ୍ଥାୟୀ ବ୍ରିଜ୍‌ଟି ଦବି ଯାଇଥିଲା। ଏହାପରେ ଏହି ନାଳ ଉପରେ ସ୍ଥାୟୀ ବ୍ରିଜ୍ ନିର୍ମାଣ ଲକ୍ଷ୍ୟ ନେଇ ୨୦୧୬ରେ ଟେଣ୍ଡର ହୋଇଥିଲା। ୨୦୧୭ ନଭେମ୍ବର୧୫ ସୁଦ୍ଧା ଏହାର ନିର୍ମାଣ ଶେଷ କରିବା ଲକ୍ଷ୍ୟ ରହିଥିଲା। ଏହାପରେ ଜଗନ୍ନାଥପୁର ନାଳଉପରେ ନୂତନ ସ୍ଥାୟୀ ବ୍ରିଜ୍ କାମ ଆରମ୍ଭ ହୋଇଥିଲା। ହେଲେ ତିନି ବର୍ଷ ମଧ୍ୟରେ ବ୍ରିଜ୍‌ର ୨୦ରୁ ୨୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବାବେଳେ ୩ଟି ପିଲାର୍ ସହ ୭୦ ମିଟର ଲମ୍ବା ବିଶିଷ୍ଟ ଏହି ବ୍ରିଜ୍ ପାଇଁ ୬କୋଟିର ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ରହିଥିବା ଜଣାପଡ଼ିଛି। ଉଲେଖଯୋଗ୍ୟ, ୨୦୧୮ ଜୁଲାଇ ୨୧ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ଗିରିଧର ଗମାଙ୍ଗ ଅଞ୍ଚଳ ଗସ୍ତ କରି ବ୍ରିଜ୍‌ର ନିର୍ମାଣଶୈଳୀ ନେଇ ପ୍ରଶ୍ନ ଉଠାଇଥିଲେ। ଗତବର୍ଷ ମଧ ଏହି ଅସ୍ଥାୟୀ ବ୍ରିଜ୍ ୫ଥର କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ନୂତନ ସ୍ଥାୟୀ ବ୍ରିଜ ନିର୍ମାଣରେ ବିଳମ୍ବ ଯୋଗୁ ଅସ୍ଥାୟୀ ବ୍ରିଜ୍ ମରାମତିରେ ଲକ୍ଷାଧିକ ଟଙ୍କା ଅର୍ଥଶ୍ରାଦ୍ଧ ହୋଇଥିବା ଜଣାଯାଏ। ଏପରି ସ୍ଥିତିରେ ବ୍ରିଜ୍ ରହିଥିବାବେଳେ ଚଳିତବର୍ଷ ପ୍ରଥମ ଥର ପାଇଁ ନାଳରେ ପାଣି ଆସି ଆପ୍ରୋଚ୍ ରୋଡ୍ ଧୋଇଯାଇଛି। ବର୍ଷା ଋତୁ ସରି ନ ଥିବାବେଳେ ଆଗକୁ ଅସ୍ଥାୟୀ ବ୍ରିଜରେ କେତେ ଟଙ୍କା ଖର୍ଚ୍ଚ ପରେ ସ୍ଥାୟୀ ବ୍ରିଜ୍ ନିର୍ମାଣ ସରିବ ବୋଲି ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।


ମରାମତି ପରେ ଯାତାୟାତ ସ୍ୱାଭାବିକ ହୋଇଛି।